# ଜିରୋ ଆୱାର ସେଲିବ୍ରେଶନ

ନୂଆ ଆଶା, ଉତ୍କଣ୍ଠା ଭିତରେ ଆସିଛି ନୂଆବର୍ଷ। ବୁଲାବୁଲି, ଭୋଜିଭାତ, ମଉଜମସ୍ତି ପରେ ଜିରୋନାଇଟ୍ ସେଲିବ୍ରେଶନ କରି ୨୦୨୩କୁ ବିଦାୟ ଓ ୨୦୨୪କୁ ସ୍ୱାଗତ କରିଛନ୍ତି ଓଡ଼ିଶାବାସୀ। ଏଥିପାଇଁ ସହରଠୁ ଗାଁ ସବୁଠୁ ଲାଗି ରହିଥିଲା ନୂଆ ଉତ୍ସାହ, ଆଉ ଖୁସିର ମାହୋଲ। ମିଠା, ଫୁଲ ଦୋକାନଠାରୁ ଆରମ୍ଭ କରି ପର୍ଯ୍ୟଟନସ୍ଥଳ, ମଠ, ମନ୍ଦିର ଆଦି ଧର୍ମପୀଠରେ ସବୁଠି ଭିଡ଼ ଲାଗି ରହିଥିଲା। ନୂଆବର୍ଷକୁ ନିଆରା ଭାବେ ପାଳନ କରିବାକୁ ରାଜଧାନୀ ଭୁବନେଶ୍ୱର, ରୌପ୍ୟନଗରୀ କଟକ, ଆଧାତ୍ମିକ ସହର ପୁରୀ ଓ ଖୋର୍ଦ୍ଧାରେ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା। କ୍ଲବ୍, ହୋଟେଲଠାରୁ ଆରମ୍ଭ କରି ଘରେ ବାହାରେ ସବୁଠି ବିଦାୟ-ସ୍ୱାଗତ ପର୍ବ ବେଶ୍ ନୂଆ ଥିଲା। ୪ ସହର ଆଲୋକମାଳାରେ ସଜେଇ ହୋଇଥିବାବେଳେ ଡିଜେ ନାଇଟ୍‌ରେ ଝୁମିଉଠିଥିଲେ ସହରବାସୀ। ଠିକ୍ ରାତି ୧୨ରେ ବାଣଫୁଟାଇ, କେକ୍ କାଟି ନୂଆବର୍ଷକୁ ଧୁମ୍‌ଧାମ୍‌ରେ ସ୍ୱାଗତ କରିଥିବାବେଳେ ଏହା ଭିତରେ ନୂଆ ସୂର୍ଯ୍ୟୋଦୟ ଦେଖିଥିଲା ଓଡ଼ିଶା ମାଟି।



କଟକ ୟୁନିୟନ୍ କ୍ଲବ୍



କଟକ ଓସିଏ କ୍ଲବ୍







କଟକ କ୍ଲବ୍



ଭୁବନେଶ୍ୱର ନୀଳାଚଳ ଅଶୋକ ହୋଟେଲ



କଟକ ୟୁନିୟନ୍ କ୍ଲବ୍



କଟକ କ୍ଲବ୍





ଭୁବନେଶ୍ୱର ନୀଳାଚଳ ଅଶୋକ ହୋଟେଲ



ଭୁବନେଶ୍ୱର ହୋଟେଲ ଏମ୍ପାୟର୍ସ

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ତପନ



@ ଦିଲ୍‌ଶାନ୍



@ ଉମାଶଙ୍କର



@ ବିକ୍ରମ



@ ସଞ୍ଜୀବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ଭକ୍ତଙ୍କ ଦର୍ଶନ ସୁବିଧା ପାଇଁ ପୁରୀ ବଡ଼ଦାଣ୍ଡରେ ଶ୍ରୀମନ୍ଦିର ସିଂହଦ୍ୱାର ଠାରୁ ମାର୍କେଟ ଛକ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ନିର୍ମିତ ଏସି ଶେଡ୍ । ରବିବାର ଏହି ଶେଡ୍‌କୁ ପରୀକ୍ଷାମୂଳକଭାବେ କାର୍ଯ୍ୟକ୍ଷମ କରାଯାଇଛି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ଚିକିତ୍ସାଧୀନ ଅବସ୍ଥାରେ ଜଣେ କର୍ମଚାରୀଙ୍କ ମୃତ୍ୟୁ

**ହାଇଟେକ୍ ହସ୍ପିଟାଲରେ ବିସ୍ଫୋରଣ ଘଟଣା**

ଭୁବନେଶ୍ୱର,୩୧।୧୨(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ହାଇଟେକ୍ ହସ୍ପିଟାଲ ବିସ୍ଫୋରଣ ଘଟଣାରେ ଚିକିତ୍ସାଧୀନ ଥିବା ୪ କର୍ମଚାରୀଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଛି। ଏନେଇ ରବିବାର ମଞ୍ଚେଶ୍ୱର ଥାନା ପକ୍ଷରୁ ସୂଚନା ଦିଆଯାଇଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ହରିରାଜପୁର ଅଞ୍ଚଳର ଦିଲୀପ ସାମନ୍ତରାୟ (୩୪)। ମଞ୍ଚେଶ୍ୱର ଥାନା ପକ୍ଷରୁ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା(ନଂ.୧୩୯/୨୦୨୩) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ଦିଲୀପଙ୍କ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଅନ୍ୟ ୩ ଆହତ କର୍ମଚାରୀଙ୍କର ଉକ୍ତ ହସ୍ପିଟାଲରେ ଚିକିତ୍ସା ଚାଲିଥିବାବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ହସ୍ପିଟାଲ ଛାତ ଉପରେ ଏଜେନ୍ସି ଦ୍ୱାରା ଏସି ମେଣ୍ଟେନାନ୍ସ କାମ ଚାଲିଥିବାବେଳେ ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟାରେ ଏହି ଅଘଟଣ ଘଟିଥିଲା। କମ୍ପ୍ରେସର୍‌ରେ ସମସ୍ୟା ଯୋଗୁ ତାହା ଫାଟିଯାଇଥିଲା। ଏହା ଏତେ ଶକ୍ତିଶାଳୀ ଥିଲା ଯେ, ଉକ୍ତ ଏଜେନ୍ସିର ଏସି ଟେକ୍ନିସିଆନଙ୍କ ସମେତ ୪ କର୍ମଚାରୀ ଆହତ ହୋଇଥିଲେ।




ନବବର୍ଷ ୨୦୨୪ର ଶୁଭେଚ୍ଛା ଜଣାଇ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ଟିକେଟ ନ ପାଇ ଫେରିଲେ ପର୍ଯ୍ୟଟକ

**ସୂର୍ଯ୍ୟମନ୍ଦିରରେ ପ୍ରବଳ ଗହଳି**

**■ଗଣମାଧ୍ୟମ ପ୍ରତିନିଧିଙ୍କୁ କର୍ମଚାରୀଙ୍କ ଦୁର୍ବ୍ୟବହାର ଅଭିଯୋଗ**

କୋଣାର୍କ, ୩୧।୧୨(ଜ୍ୟୋତିରାଜ ମହାନ୍ତି)

ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କ ସୂର୍ଯ୍ୟମନ୍ଦିରରେ ରବିବାର ପ୍ରବଳ ଭିଡ଼ ହୋଇଥିଲା। ମନ୍ଦିର ପ୍ରବେଶ ଶୁଳ୍କ ନିମନ୍ତେ ଉଭୟ ଅନଲାଇନ ଏବଂ ଅଫଲାଇନ୍ ଟିକେଟ କାଟିବା ପାଇଁ ପର୍ଯ୍ୟଟକ ଘଣ୍ଟା ଘଣ୍ଟା ଧରି ଖରାରେ ଠିଆ ହୋଇ ରହିଥିଲେ। ସେମାନଙ୍କୁ ସାମାନ୍ୟ ମୌଳିକ ସୁବିଧା ମିଳି ନ ଥିଲା। ସେହିପରି ଅନେକଙ୍କୁ ଟିକେଟ ନ ମିଳିବାରୁ ଅସନ୍ତୋଷ ପ୍ରକାଶ କରି ନିରାଶରେ ଫେରିଯାଉଥିବା ଦେଖିବାକୁ ମିଳିଥିଲା। ଏପରିକି ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ନିଯୁକ୍ତ କେତେଜଣ କର୍ମଚାରୀ ପର୍ଯ୍ୟଟକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସୂର୍ଯ୍ୟମନ୍ଦିର ଦାୟିତ୍ୱରେ ଥିବା ଅଣଓଡ଼ିଆ ଏଏସ୍‌ଆଇ ଅଧିକାରୀ ନିଜର କିଛି ସମ୍ପର୍କୀୟଙ୍କୁ ମୁଖ୍ୟ ଫାଟକ ନିକଟରେ ନିୟୋଜିତ କରି ଟିକେଟ କଳାବଜାର କରି ପର୍ଯ୍ୟଟକଙ୍କୁ ଶୋଷଣ କରୁଥିବା ସାଧାରଣରେ ଅଭିଯୋଗ ହୋଇଥିଲା। ଏ ନେଇ କୋଣାର୍କ ଅଞ୍ଚଳର ଦୁଇଜଣ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ଖବର ସଂଗ୍ରହ କରିବାକୁ ଯାଇଥିବାବେଳେ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ଉପସ୍ଥିତ ଥିବା ପ୍ରଦୀପ କୁମାର ନାମକ ବ୍ୟକ୍ତି ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରିଥିଲେ। ଏ ନେଇ ସମ୍ପୃକ୍ତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପକ୍ଷରୁ କୋଣାର୍କ ଥାନାରେ ଏତଲା ଦିଆଯାଇଛି। ତେବେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ କୋଣାର୍କ ମିଳିତ ସାମ୍ବାଦିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।







# ରଥକାଠ ଅନୁକୂଳ ପାଇଁ ଆଜି ନୟାଗଡ଼ ଯିବ ଟିମ୍

ପୁରୀ, ୩୧।୧୨(ଅଜିତ ମହାନ୍ତି)

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ଆରମ୍ଭ ହେଲାଣି। ରଥ କାଠ ନିମନ୍ତେ ଗଛକଟା ଅନୁକୂଳ ଲାଗି ଜାନୁୟାରୀ ୧ରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ଟିମ୍ ନୟାଗଡ଼ ଅଭିମୁଖେ ଯାତ୍ରା କରିବ। ଟିମ୍‌ରେ ଶ୍ରୀମନ୍ଦିର ରଥ ତତ୍ତ୍ୱାବଧାରକ, ରଥ ଅମିନ ଓ ଭୋଇ ସର୍ଦ୍ଦାର ପ୍ରମୁଖ ଯାତ୍ରା କରିବେ। ଅନୁକୂଳ ନିମନ୍ତେ ସାଙ୍ଗରେ ମହାପ୍ରଭୁଙ୍କ ଲାଗି ମାଳମହାର୍ଦ୍ଦ, ଖଣ୍ଡୁଆ, ଧୂପ, ଦୀପ, ନଡ଼ିଆ ପ୍ରଭୃତି ନେଇକରି ଯିବେ। ପରମ୍ପରା ଅନୁଯାୟୀ, ରଥକାଠ ନିମନ୍ତେ ଗଛ କଟାଯିବା ପୂର୍ବରୁ ଗଛ ଚିହ୍ନଟ ହୋଇ ଗଣିଆର ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ହୋଇ ଗଛକଟା ଅନୁକୂଳ କରାଯିବ। ପରେ ଆବଶ୍ୟକ ଗଛ କଟାଯାଇ ନୟାଗଡ଼ ବନବିଭାଗ ଶ୍ରୀମନ୍ଦିର ପ୍ରଶାସନ ନିକଟକୁ ପଠାଇବ। ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକତା ଥିବାବେଳେ ଗତବର୍ଷର ୫୩ଖଣ୍ଡ କାଠ ବଳକା ରହିଛି। ତେବେ ଟିମ୍ ଆବଶ୍ୟକ ମୋଟ ୮୧୨ ଖଣ୍ଡ କାଠ ଚିହ୍ନଟ କରିବ, ଯାହାକୁ ପର୍ଯ୍ୟାୟ କ୍ରମେ ବନବିଭାଗ ପକ୍ଷରୁ କଟାଯାଇ ଶ୍ରୀମନ୍ଦିର ନିକଟକୁ ପଠାଯିବ।












